# ସ୍ୱାମୀ ପ୍ରକାଶନନ୍ଦ ଏବଂ ଅନ୍ୟଜଣେ

# ବନାମ

# କେରଳ ରାଜ୍ୟ ଏବଂ ଅନ୍ୟମାନେ

# ସେପ୍ଟେମ୍ବର 18, 2006

# [ଡ. ଏ. ଆର୍. ଲକ୍ଷ୍ମଣନ୍ ଏବଂ ଆର୍. ଭି. ରବୀନ୍ଦ୍ରନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ନ୍ୟାସ:*

*ନ୍ୟାସ ବୋର୍ଡ୍ – ନ୍ୟାସକୁ ସଦସ୍ୟମାନଙ୍କ ନିର୍ବାଚନ - ନ୍ୟାସରେ ସଦସ୍ୟମାନଙ୍କ ପ୍ରବେଶ/ଅପସାରଣର ବୈଧତା ସ୍ଥିର କରିବା ଭଳି କାର୍ଯ୍ୟ ସମ୍ପାଦନ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିଯୁକ୍ତି; ଭୋଟର ତାଲିକା ଚୂଡ଼ାନ୍ତ କରିବା ଏବଂ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପରିଚାଳନା ତଦାରଖ କରିବା - ଅପସାରଣର ବୈଧତା ଉପରେ ବିଚାର କରିବା ପରେ କର୍ତ୍ତୃପକ୍ଷ ଚୂଡ଼ାନ୍ତ ଆଦେଶ ପାରିତ କରିବା ଏବଂ ଭୋଟର ତାଲିକା ଏବଂ କ୍ୟାଲେଣ୍ଡର ସୂଚିତ କରିବା - ଚୂଡ଼ାନ୍ତ ଆଦେଶ ବିରୁଦ୍ଧରେ କିଛି ସଦସ୍ୟଙ୍କ ଆପତ୍ତି - କିଛି ନିର୍ଦ୍ଦେଶ ଜାରି କରି ନ୍ୟାୟାଳୟ ନିର୍ଣ୍ଣୟ କରିଥିଲେ ଯେ, କ୍ୟାଲେଣ୍ଡର ଅନୁଯାୟୀ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, ସେଥିପାଇଁ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ପାଇଁ କୌଣସି ପ୍ରାର୍ଥନାକୁ ବିଚାରକୁ ନିଆଯାଇନାହିଁ ଯେହେତୁ ତାହା ପ୍ରକ୍ରିୟାରେ ବାଧା ସୃଷ୍ଟି କରିବ - ଚୂଡ଼ାନ୍ତ ଆଦେଶ ଅନୁଯାୟୀ ତଥା ତାଙ୍କ ଦ୍ୱାରା ପ୍ରକାଶିତ କ୍ୟାଲେଣ୍ଡର ଅନୁଯାୟୀ ମଧ୍ୟ କର୍ତ୍ତୃପକ୍ଷ ନିର୍ବାଚନ ପରିଚାଳନାରେ ଅଗ୍ରସର ହେବେ - ଏର୍ଣ୍ଣାକୁଲମସ୍ଥିତ ପୁରାତନ ଉଚ୍ଚ ନ୍ୟାୟାଳୟ ଭବନକୁ ନିର୍ବାଚନୀ ସ୍ଥଳ ଭାବରେ ଅନୁମୋଦିତ କରାଯାଇଛି ଯାହା କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳିତ ଢଙ୍ଗରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିଶ୍ଚିତ କରିବ - ନ୍ୟାସକୁ ମଧ୍ୟ କିଛି ଦେୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।*

ଦେୱାନୀ ଆବେଦନ ଅଧିକାରିତା: ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 11, 12 ଏବଂ 13

ଦେୱାନୀ ଆବେଦନ ସଂଖ୍ୟା 486/2003 ରେ ।

ଓ. ପି. ସଂଖ୍ୟା. 19079/1997 ରେ ଏର୍ଣ୍ଣାକୁଲମସ୍ଥିତ କେରଳ ଉଚ୍ଚ ନ୍ୟାୟାଳୟଙ୍କ 10.8.2001 ର ଚୂଡ଼ାନ୍ତ ରାୟ ଏବଂ/ଆଦେଶରୁ ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଗୋପାଳ ଜୈନ୍, ଆର୍. ଏନ୍. କରଞ୍ଜାୱାଲା, ଉପମନ୍ୟୁ ହଜାରିକା, ମାଣିକ୍ କରଞ୍ଜାୱାଲା ଏବଂ କେ. ଭି. ମୋହନ ।

ଉତ୍ତରଦାତାମାନଙ୍କ ତରଫରୁ ରାଜ୍ ଆବ୍ରାହମ୍, ହିମିନ୍ଦର୍ ଲାଲ୍, ସୁବ୍ରମଣ୍ୟମ୍ ପ୍ରସାଦ୍, ରାଜନ୍ ବାବୁ ଏ. ଏ. ଏବଂ ସି. କେ. ଶଶି ।

କେରଳ ରାଜ୍ୟ ତରଫରୁ ଜି. ପ୍ରକାଶ, ବୀଣା ପ୍ରକାଶ, କେ. ଡି. ଦିଲୀପ କୁମାର ଏବଂ କେ. ଆର୍. ଶଶିପ୍ରଭୁ ।

ନ୍ୟାୟାଳୟଙ୍କ ଆଦେଶ ପ୍ରଦାନ କରାଯାଇଥିଲା

## ଆଦେଶ

2.5.2006 ର ଆଦେଶ ଅନୁଯାୟୀ, ଆମ୍ଭେ ଶ୍ରୀଯୁକ୍ତ ନ୍ୟାୟମୂର୍ତ୍ତି କେ. ଏସ୍. ପରିପୂର୍ଣ୍ଣନଙ୍କୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ନିର୍ବାହ ପାଇଁ କର୍ତ୍ତୃପକ୍ଷ ଭାବରେ ନିଯୁକ୍ତ କରିଥିଲୁ:

"(i) ନ୍ୟାସରେ 18 ଜଣ ସଦସ୍ୟଙ୍କ ପ୍ରବେଶର ବୈଧତାକୁ ଯାଞ୍ଚ କରିବା ଏବଂ ତାହାର ନିର୍ଣ୍ଣୟ ନେବା;

(ii) ଉକ୍ତ 18 ଜଣ ସଦସ୍ୟଙ୍କୁ ଏବଂ ମୂଳ ସଦସ୍ୟମାନଙ୍କ ମଧ୍ୟରୁ ଛଅ ଜଣଙ୍କୁ ନ୍ୟାସରୁ ଅପସାରଣ/ବହିଷ୍କାର କରିବା ବୈଧ ଅଟେ କି ନାହିଁ ତାହାର ନିରୀକ୍ଷଣ କରିବା ଏବଂ ନିର୍ଣ୍ଣୟ ନେବା;

(iii) ନ୍ୟାସ ବୋର୍ଡ଼ର ଚୟନ କରିବା ନିମନ୍ତେ ନିର୍ବାଚନ କରିବା ପାଇଁ ଭୋଟର ତାଲିକା ଚୂଡ଼ାନ୍ତ କରିବା; ଏବଂ

(iv) କ୍ୟାଲେଣ୍ଡର ପ୍ରସ୍ତୁତ କରିବା ଏବଂ ବୋର୍ଡ଼ର ନିର୍ବାଚନ ପରିଚାଳନାର ତଦାରଖ କରିବା, ଫଳାଫଳ ଘୋଷଣା କରିବା ଏବଂ ବର୍ତ୍ତମାନର ବୋର୍ଡ଼ ଠାରୁ ନୂତନ ନିର୍ବାଚିତ ନ୍ୟାସ ବୋର୍ଡ଼କୁ ଦାୟିତ୍ୱ ହସ୍ତାନ୍ତର କରିବା" ।

ତଦନୁସାରେ, କର୍ତ୍ତୃପକ୍ଷ 18 ଜଣ ସଦସ୍ୟଙ୍କ ପ୍ରବେଶ ଏବଂ ଉକ୍ତ 18 ଜଣ ସଦସ୍ୟ ତଥା ମୂଳ ସଦସ୍ୟମାନଙ୍କ ମଧ୍ୟରୁ 6 ଜଣଙ୍କୁ ଅପସାରଣ/ବହିଷ୍କାର କରିବାର ବୈଧତା ଉପରେ ବିଚାର କରିବା ପରେ 16.8.2006 ରେ ଏକ ଆଦେଶ ପାରିତ କରିଛନ୍ତି । ସେ ମଧ୍ୟ ଭୋଟର ତାଲିକା

ଚୂଡ଼ାନ୍ତ କରିଛନ୍ତି ଏବଂ ଏହାକୁ ସୂଚିତ କରିଛନ୍ତି । 5.10.2006 ରେ ନିର୍ବାଚନ କରିବା ପାଇଁ କ୍ୟାଲେଣ୍ଡରକୁ ସୂଚିତ କରାଯାଇଛି ।

କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ 16.8.2006 ର ଚୂଡ଼ାନ୍ତ ଆଦେଶକୁ ବିରୋଧ କରି ନ୍ୟାସର କେତେକ ସଦସ୍ୟ ବିଶେଷ ଅନୁମତି ଆବେଦନଗୁଡ଼ିକୁ ଦାୟର କରିଛନ୍ତି । କିନ୍ତୁ ଯେତେବେଳେ ଏହି ମାମଲା 15.9.2006 ରେ ଆସିଲା, ସେମାନେ ଅନୁରୋଧ କରିଛନ୍ତି ଯେ ଉକ୍ତ ବିଶେଷ ଅନୁମତି ଆବେଦନଗୁଡ଼ିକୁ ଏହି ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କ ଚୂଡ଼ାନ୍ତ ଆଦେଶ/ରିପୋର୍ଟର ଆପତ୍ତି/ପ୍ରତିକ୍ରିୟା ଭାବରେ ମଧ୍ୟବର୍ତ୍ତୀକାଳୀନ ଆବେଦନ ଭାବରେ ବିବେଚନା କରାଯାଇପାରିବ । ଉକ୍ତ ଅନୁରୋଧକୁ ଗ୍ରହଣ କରାଯାଇଛି । ଅନ୍ୟ କେତେକ ସଦସ୍ୟଙ୍କ ତରଫରୁ ବିଜ୍ଞ ଓକିଲ ଉକ୍ତ ଚୂଡ଼ାନ୍ତ ଆଦେଶ/ରିପୋର୍ଟ ସମ୍ବନ୍ଧରେ ସେମାନଙ୍କର ପ୍ରତିକ୍ରିୟା ଦାଖଲ କରିବାକୁ ସମୟ ମାଗିଛନ୍ତି । 15.9.2006 ରେ ଆମ୍ଭେ ସେହି ଉଦ୍ଦେଶ୍ୟରେ 6 ସପ୍ତାହର ସମୟ ପ୍ରଦାନ କରିଛୁ ।

ଆମ୍ଭେ ମଧ୍ୟବର୍ତ୍ତୀକାଳୀନ ପ୍ରାର୍ଥନା ସମ୍ବନ୍ଧରେ ପକ୍ଷମାନଙ୍କୁ ଶୁଣିଛୁ ଏବଂ କର୍ତ୍ତୃପକ୍ଷଙ୍କ 8.9.2006 ଏବଂ 11.9.2006 ର ପତ୍ରଗୁଡ଼ିକୁ ବିଚାରକୁ ନେଇଛୁ ଏବଂ ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକୁ ଜାରି କରୁଛୁ:

(i) ଯେହେତୁ କ୍ୟାଲେଣ୍ଡର ଅନୁଯାୟୀ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, ଆମ୍ଭେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ପାଇଁ କୌଣସି ପ୍ରାର୍ଥନା ଉପରେ ବିଚାର କରିବାକୁ ଚାହୁଁନାହୁଁ ଯାହାକି ନିର୍ବାଚନୀ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବ । କର୍ତ୍ତୃପକ୍ଷ ତାଙ୍କ ଚୂଡ଼ାନ୍ତ ଆଦେଶ ଅନୁଯାୟୀ ତଥା ତାଙ୍କ ଦ୍ୱାରା ପ୍ରକାଶିତ କ୍ୟାଲେଣ୍ଡର ଅନୁଯାୟୀ ନିର୍ବାଚନ ପରିଚାଳନାରେ ଅଗ୍ରସର ହେବେ । ଏର୍ଣ୍ଣାକୁଲମସ୍ଥିତ ପୁରାତନ ଉଚ୍ଚ ନ୍ୟାୟାଳୟ ଭବନକୁ ନିର୍ବାଚନୀ ସ୍ଥଳ ଭାବରେ ମଧ୍ୟ ଆମ୍ଭେ ଅନୁମୋଦନ ଦେଉଛୁ ଯାହା କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଶୃଙ୍ଖଳିତ ଢଙ୍ଗରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିଶ୍ଚିତ କରିବ । 2.5.2006 ର ଆମ୍ଭ ଆଦେଶ ଅନୁଯାୟୀ, କର୍ତ୍ତୃପକ୍ଷ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅଗ୍ରସର ହେବେ । ନିର୍ବାଚନର ଶୃଙ୍ଖଳିତ ପରିଚାଳନା ପାଇଁ କର୍ତ୍ତୃପକ୍ଷ ପୋଲିସର ସହାୟତା ମଧ୍ୟ ନେଇପାରନ୍ତି ।

(ii) ନିର୍ବାଚନ ଏବଂ ଫଳାଫଳ ଘୋଷଣା, କର୍ତ୍ତୃପକ୍ଷଙ୍କ 16.8.2006 ର ଆଦେଶ ସମ୍ବନ୍ଧରେ ଦାଖଲ କରାଯାଇଥିବା (ଏବଂ ଦାଖଲ କରାଯିବାକୁ ଥିବା) ପ୍ରତିକ୍ରିୟା ଆଧାରରେ ଏବଂ

ତାଙ୍କ 16.8.2006 ର ଆଦେଶର ଅନୁଚ୍ଛେଦ 30 ରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ ଆଧାରରେ ଆମ୍ଭେ ଦେବାକୁ ଥିବା ଆଦେଶର ବଶବର୍ତ୍ତୀ ରହିବ ।

(iii) ନ୍ୟାସ ଦୁଇ ସପ୍ତାହ ମଧ୍ୟରେ ନିମ୍ନଲିଖିତ ଦେୟ ପ୍ରଦାନ କରିବ:

(a) 8.9.2006 ପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚ ପାଇଁ କର୍ତ୍ତୃପକ୍ଷଙ୍କୁ 85,342/- ଟଙ୍କା ।

(b) କର୍ତ୍ତୃପକ୍ଷଙ୍କ ସଚିବ ଶ୍ରୀ ଏମ୍. ସି. ମାଧବନଙ୍କୁ ତାଙ୍କ ନିଯୁକ୍ତି ତାରିଖ ଠାରୁ ମାସିକ 15,000/- ଟଙ୍କା ହାରରେ ଏକୀକୃତ ପାରିଶ୍ରମିକ ।

(c) ଚୂଡ଼ାନ୍ତ ଆଦେଶର ବଶବର୍ତ୍ତୀ ରହି, ଅସ୍ଥାୟୀ ଭାବେ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ଦେୟ ହେବାକୁ ଥିବା ପାରିଶ୍ରମିକ ଭାବେ 1,50,000/- ଟଙ୍କା ।

ପରବର୍ତ୍ତୀ ଆଦେଶ ନିମନ୍ତେ ମାମଲାଟିକୁ 6 ସପ୍ତାହ ପରେ ତାଲିକାଭୁକ୍ତ କରାଯାଉ ।

ଡି. ଜି. ପରବର୍ତ୍ତୀ ଆଦେଶ ନିମନ୍ତେ 6 ସପ୍ତାହ ପରେ ତାଲିକାଭୁକ୍ତ କରାଯାଉ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।